## ସବ୍‌ଜେଲରେ ନୃତ୍ୟ ଯୋଗଶିକ୍ଷା

ବରଗଡ଼ ଅଫିସ- ବରଗଡ଼ ସାଇସେବା ସଙ୍ଗଠନ ପକ୍ଷରୁ ରବିବାର ସ୍ଥାନୀୟ ସବ୍‌ଜେଲ ପରିସରରେ ଏକ ନୃତ୍ୟଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜେଲ ସୁପରିଣ୍ଟେଣ୍ଡେଣ୍ଟ ଅଞ୍ଜଳି ପଟେଲ ଏହାକୁ ଉଦ୍‌ଘାଟନ କରିଥିଲେ । ସେହିପରି ସବ୍ ଜେଲ୍‌ର ଅଧିକାରୀ ଶରତ ସାହୁ, ଶ୍ରୀଧର ବଡ଼ମୁଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ସାଇସେବା ସଙ୍ଗଠନର ସମ୍ପାଦକ ତଥା ପ୍ରଶିକ୍ଷକ ଅଜିତ କୁମାର ମିଶ୍ର ସବ୍ ଜେଲ୍‌ର ବିଚାରାଧୀନ ବନ୍ଦୀମାନଙ୍କୁ ନୃତ୍ୟ ମାଧ୍ୟମରେ ଯୋଗଶିକ୍ଷା ଦେଇଥିଲେ ।

# ଚାଷୀଙ୍କ ଆଶା ଅଧୁରା

ସୋନପୁର,୨।୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଅନ୍ତର୍ଗତ ୮୧ଟି ଗ୍ରାମର ଚାଷ ଜମିକୁ ଜଳସେଚନର ସୁବିଧା ପାଇଁ ନିର୍ମାଣ ହୋଇଛି ହରିହର ଜଳସେଚନ ପ୍ରକଳ୍ପ। ୧୯୯୭-୯୮ରେ ଏହି ମଧ୍ୟମ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ପରେ ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ୯ଟି ପଞ୍ଚାୟତର ଚାଷୀ ଖୁସି ହୋଇଥିଲେ। ତେବେ ସରକାରଙ୍କ ଅବହେଳା କାରଣରୁ ଏହି ପ୍ରକଳ୍ପର କେନାଲ କଂକ୍ରିଟ୍‌କରଣ କାର୍ଯ୍ୟ ଏ ଯାଏ ସମ୍ପୂର୍ଣ୍ଣ ହୋଇନି। ଫଳରେ କମାଣ୍ଡ ଏରିଆରେ ଥିବା ସମସ୍ତ ଚାଷ ଜମିକୁ ପାଣି ମାଡୁନି। ଚାଷୀ ଜଳକର ଦେଉଥିଲେ ହେଁ ପାଣି ପାଉନାହାନ୍ତି। ରବିଋତୁରେ ଏହି ସମସ୍ୟା ଜଟିଳ ହେଉଛି। ପ୍ରକଳ୍ପକୁ ନେଇ ଚାଷୀଙ୍କ ଆଶା ଅଧୁରା ରହିଛି।

ଏହି ପ୍ରକଳ୍ପ ପାଇଁ ୧୯୭୮ ମସିହା ସର୍ଭେ ରିପୋର୍ଟ ଅନୁଯାୟୀ ୭୬୫.୬୭ଲକ୍ଷ ଟଙ୍କା ବ୍ୟୟ ଅଟକଳ ଥିଲା। ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବିଳମ୍ବିତ ପାଇଁ ୧୯୯୮ବାର୍ଷିକ ସର୍ଭେ ରିପୋର୍ଟ ଅନୁସାରେ ୭୭୫୪.୧୬ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ମୁଖ୍ୟ କେନାଲ ୧୪.୯୧୨କି.ମି. ରହିଥିବା ବେଳେ ଅନ୍ୟ ଡିଷ୍ଟ୍ରିବ୍ୟୁଟାରି ୨୫.୭୬୩ କି.ମି ତଥା ମାଇନର ଏବଂ ସବ୍‌ମାଇନର ୧୫୨କି.ମି. ରହିଛି । ପ୍ରକଳ୍ପ ଦ୍ୱାରା ମୋଟ ୧୩୪୧୯ ହେକ୍ଟର ଜମି ଜଳସେଚିତ ହେବାର ଲକ୍ଷ୍ୟ ଥିଲା । ତନ୍ମଧ୍ୟରୁ ଖରିଫ ଋତୁରେ ୯୪୫୦ ହେକ୍ଟର ଏବଂ ରବି ଋତୁରେ ୪୨୫୦ ହେକ୍ଟର ଚାଷ ଜମିକୁ ଜଳସେଚନର ବ୍ୟବସ୍ଥା ହୋଇଛି। ପ୍ରକଳ୍ପ ନିର୍ମାଣ ସକାଶେ ୭ଟି ରାଜସ୍ୱ ଗ୍ରାମର ଲୋକ ସମ୍ପୂର୍ଣ୍ଣ ଓ ୧୭ଟି ଗ୍ରାମର ଲୋକେ ଆଂଶିକ କ୍ଷତିଗ୍ରସ୍ତ ହୋଇଛନ୍ତି । ୧୦୮୨ଟି କ୍ଷତିଗ୍ରସ୍ତ ପରିବାରକୁ ଥଇଥାନ କରାଯାଇଛି ।

କିନ୍ତୁ ଏହି ପ୍ରକଳ୍ପ ପ୍ରତି ସରକାର ଏବଂ ପ୍ରଶାସନ ଆଖି ବୁଜି ଦେଇଛି। ୧୯୯୭ ପରେ ସରକାର ପ୍ରକଳ୍ପର ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ ପାଇଁ ଅନୁଦାନ ଦେଇ ନ ଥିଲେ। ଡ୍ୟାମ୍‌ର ସ୍ପିଲ୍ ୱେ ନଷ୍ଟ ହେବା ସହିତ କେନାଲଗୁଡିକ ପୋତି ହୋଇଗଲା। ଏହି କାରଣରୁ ଜଳସେଚନ ବାଧାପ୍ରାପ୍ତ ହେବା ସହିତ ଖରିଫ ଋତୁ ପାଇଁ ୯୪୫୦ ହେକ୍ଟରରୁ ୬୯୫୦ ହେକ୍ଟର ଏବଂ ରବି ଋତୁ ପାଇଁ ମାତ୍ର ୧୬୦୦ ହେକ୍ଟର ଚାଷ ଜମିକୁ ଜଳସେଚିତ ହୋଇପାରିଲା। ଗତ ୨୨ବର୍ଷ ମଧ୍ୟରେ ଚାଷୀମାନେ ଏହି ପ୍ରକଳ୍ପରୁ ଯେତିକି ସୁବିଧା ପାଇବା କଥା ପାଇ ପାରି ନାହାନ୍ତି। ତଳମୁଣ୍ଡରେ ଥିବା ଚାଷୀ ପ୍ରତିବର୍ଷ ଫସଲ ହାନିର ସମ୍ମୁଖୀନ ହେଉଛନ୍ତି। ଗତ ୩ ବର୍ଷ ପୂର୍ବରୁ ଏହି ପ୍ରକଳ୍ପର ଉନ୍ନତି ଓ ପୁନରୁଦ୍ଧାର ପାଇଁ ୬୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ମାତ୍ର ନିମ୍ନମାନର କାମ ଯୋଗୁ ଯେତିକି ଜମିକୁ ପାଣି ମାଡିବା କଥା ତାହା ସମ୍ଭବ ହେଉନି। ସେହିପରି ଡ୍ୟାମ୍ ଉପର ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ରାସ୍ତାପାର୍ଶ୍ୱ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ହୋଇପାରିନି। ଏଥିପାଇଁ ଲୋକେ ଅସୁବିଧା ଭୋଗୁଛନ୍ତି। ଏ ସମ୍ପର୍କରେ ତେଲ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ଦିଲୀପ ପାତ୍ର କୁହନ୍ତି, ଖରିଫରେ ଚାଷ ଜମିକୁ ଠିକ୍ ଭାବେ ଜଳଯୋଗାଣ ହେଉଛି। କେବଳ ରବିଋତୁରେ ସମସ୍ୟା ଅଛି। ସେହିପରି ଡ୍ୟାମ୍ ଉପର ରାସ୍ତା, ଗ୍ୟାଲେରି ଟ୍ରିଟ୍‌ମେଣ୍ଟ ଓ ଆଲୋକ ବ୍ୟବସ୍ଥା ପାଇଁ ୨ କୋଟି ୮୫ ଲକ୍ଷ ଟଙ୍କାର ପ୍ରଶାସନିକ ଅନୁମୋଦନ ମିଳିଛି। ଖୁବ୍‌ଶୀଘ୍ର ଟେଣ୍ଡର ଆହ୍ୱାନ କରାଯିବ ।


ହରିହର ଯୋର ଜଳସେଚନ ପ୍ରକଳ୍ପ ।

- ଅବହେଳିତ ହରିହର ଯୋର ଜଳସେଚନ ପ୍ରକଳ୍ପ
- ପ୍ରକଳ୍ପ କେନାଲ କଂକ୍ରିଟ୍‌କରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନି
- କମାଣ୍ଡ ଏରିଆରେ ଥିବା ସମସ୍ତ ଚାଷ ଜମିକୁ ପାଣି ମାଡୁନି

## ୨୦ ବର୍ଷ ପାକିସ୍ତାନ ଜେଲରେ ସଜା କାଟିଲେ ସୁନ୍ଦରଗଡ଼ର ବିରଜୁ

ସୁନ୍ଦରଗଡ, ୨।୧୧ (ଡି.ଏନ୍.ଏ)


ବିରଜୁ କୁଲୁ

୨୫ବର୍ଷ ଧରି ନିଖୋଜ ଥିବା ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ କଟଙ୍ଗ ଜଙ୍ଗାଟୋଲିର ବିରଜୁ କୁଲୁ ପାକିସ୍ତାନ ଜେଲରେ ୨୦ବର୍ଷ ଧରି ସଜା କାଟି ସାରିବା ପରେ ଏବେ ନିଜ ଦେଶ ଭାରତକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପାକିସ୍ତାନ ସରକାର ତାଙ୍କୁ ଅନ୍ୟ ୪ଜଣ ଭାରତୀୟ ବନ୍ଦୀଙ୍କ ସହ ଗତ ୨୬ ତାରିଖରେ ୱାଘା ସୀମାରେ ଭାରତ ସରକାରଙ୍କୁ ହସ୍ତାନ୍ତର କରିଛନ୍ତି। ଏହା ପରେ ତାଙ୍କୁ ଏବେ ପଞ୍ଜାବ ଅମୃତସରର ଏକ କୋଭିଡ ହସ୍‌ପିଟାଲରେ ରଖାଯାଇଛି। କୋଭିଡ ନିୟମାନୁଯାୟୀ ସେଠାରେ ତାଙ୍କର ପରୀକ୍ଷା କରାଯିବ। କ୍ୱାରାଣ୍ଟାଇନ୍ ଅବଧି ଶେଷ ହେବା ପରେ ସୁନ୍ଦରଗଡ ଜିଲା ପ୍ରଶାସନ ସହାୟତାରେ ତାଙ୍କ ନିଜ ଗ୍ରାମକୁ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଛି। ଦିଲ୍ଲୀ ରେସିଡେନସ କମିଶନର ସୁନ୍ଦରଗଡ ଜିଲା ପ୍ରଶାସନଙ୍କୁ ଏସମ୍ପର୍କରେ ଅବଗତ କରିବା ପରେ କୁତ୍ରା ପୋଲିସ ତାଙ୍କ ସମ୍ପର୍କରେ ଅନୁସନ୍ଧାନ କରି ତାଙ୍କ ପରିବାର ଲୋକଙ୍କ ସହିତ ଯୋଗାଯୋଗ କରିଥିଲେ।

ବିରଜୁ ଗତ ୨୫ବର୍ଷ ପୂର୍ବେ ରାଞ୍ଚିର ଏକ ହୋଟେଲରେ କାର୍ଯ୍ୟ କରୁଥିଲେ। ହେଲେ କିଛିଦିନ ପରେ ତାଙ୍କର ପରିବାର ସହିତ କୌଣସି ଯୋଗାଯୋଗ ନ ଥିଲା। ତାଙ୍କର ସେତେବେଳେ ମାନସିକ ସ୍ଥିତି ଠିକ୍ ନ ଥିବାରୁ ସେ କୁଆଡେ ନିଖୋଜ ହୋଇଯାଇଥିବା ସନ୍ଦେହ କରି ପରିବାର ଲୋକେ ବହୁ ଖୋଜାଖୋଜି ପରେ ନୀରବ ରହିଥିଲେ। ସେତେବେଳେ ମାନସିକ ସ୍ଥିତି ଠିକ୍ ନ ଥିବା ବିରଜୁ ଭୁଲବଶତଃ ପାକିସ୍ତାନ ସୀମାକୁ ଚାଲି ଯାଇଥିଲେ। ସେଠାରେ ତାଙ୍କୁ ପାକିସ୍ତାନ ସରକାର ତାଙ୍କୁ ଭାରତୀୟ ଗୁପ୍ତଚର ସନ୍ଦେହରେ ୨୦ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ଫଳରେ ବିରଜୁଙ୍କୁ ପାକିସ୍ତାନର ଲାହୋର ଜେଲରେ ୨୦ବର୍ଷ ସଜା କାଟିବାକୁ ପଡିଥିଲା। ସଜା ସରିବା ପରେ ସେଠାକାର ସରକାର ତାଙ୍କୁ ଭାରତ ସରକାରଙ୍କୁ ହସ୍ତାନ୍ତର କରିବା ପରେ ସେ ଏବେ ନିଜ ଗ୍ରାମକୁ ଫେରୁଥିବା ନେଇ ତାଙ୍କର ପରିବାର ତଥା ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି । ଗତ ୨୫ବର୍ଷ ମଧ୍ୟରେ ବିରଜୁଙ୍କ ମା' ବେଲାବେଥ କୁଲୁ ଓ ବାପା କାମିଲ୍ କୁଲୁ ଆରପାରିକୁ ଚାଲିଯାଇଥିବା ବେଳେ ଏକମାତ୍ର ଭଉଣୀ ଟିନା କୁଲୁ ରାଜଗାଙ୍ଗପୁର କୁକୁଡା ଗ୍ରାମରେ ରହୁଛନ୍ତି। ଭାଇଙ୍କ ଫେରିବା ନେଇ ସେ ବିଶେଷ ଖୁସିବ୍ୟକ୍ତ କରିଥିବା ବେଳେ ତାଙ୍କ ଫେରିବା ବାଟକୁ ସମସ୍ତେ ଉତ୍ସୁକତାର ସହ ଅନେଇ ବସିଛନ୍ତି ବୋଲି କହିଛନ୍ତି।

### ବିରଜୁଙ୍କୁ ଆଣିବା ପାଇଁ ଜିଲା ପ୍ରଶାସନର ସ୍ୱତନ୍ତ୍ର ଟିମ୍ ଗଠନ

ଅପରପକ୍ଷେ ବିରଜୁଙ୍କୁ ଫେରାଇ ଆଣିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ର ପ୍ରକାଶ କରିଛନ୍ତି। ଏହି ଟିମ୍ ତାଙ୍କ ପରିବାର ଲୋକଙ୍କ ସହିତ ଅମୃତସର ଯିବେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢାଉ, ୧୧ଗିରଫ

କୁଆଁରମୁଣ୍ଡା,୨।୧୧(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ଫାଣ୍ଡି ଅଧୀନ ନାଇକେନବାହାଲର ଏକ ପଡିଆରେ ରବିବାର ରାତିରେ ଚାଲିଥିବା ଜୁଆ ଆଡ୍ଡାରେ ପୋଲିସ ଚଢାଉ କରି ୧୧ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କଠାରୁ ୧୪ ହଜାର ୭୭୩ଟଙ୍କା, ୪ମୁଠା ତାସ୍, ୫ଟି ମନି ପର୍ସ, ୧୨ଟି ବାଇକ୍ ଏବଂ ଗୋଟିଏ କାର୍‌କୁ ଜବତ କରାଯାଇଛି । ଗିରଫ ସମସ୍ତ ଜୁଆଡି କୁଆଁରମୁଣ୍ଡା ଓ ନାଇକେନବାହାଲ ଅଞ୍ଚଳର ବାସିନ୍ଦା ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ବୀରମିତ୍ରପୁର ଥାନାରେ ୩ଓପିଜି ଆକ୍ଟରେ ଏକ ମାମଲା (ନଂ.୨୦୭/୨୦) ରୁଜୁ କରାଯାଇଥିବା ଆଇଆଇସି ସ୍ମୃତିପ୍ରଭା ପ୍ରଧାନ ସୂଚନା ଦେଇଛନ୍ତି। ଏହି ଚଢାଉରେ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ, ଏଏସ୍‌ଆଇ ମୁରଲି ମାଝିଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ।

### ବାଲିଚାଲାଣ, ୧୦ ହଜାର ଜରିମାନା ଆଦାୟ

ଡୁଙ୍ଗୁରିପାଲି, ୨।୧୧ (ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ଅଙ୍ଗନଦୀ ପଠାରୁ ବେଆଇନଭାବେ ବାଲି ଚାଲାଣ ବେଳେ ସୋମବାର ଟ୍ରାକ୍ଟର(ନଂ. ଓଡି ୩୧ ସି-୨୪୩୯)କୁ ଚେରୁପାଲି ଜାତୀୟ ରାଜପଥରେ ରାଜସ୍ୱ ବିଭାଗ ଅଟକାଇ ଥିଲା। ଆରଆଇ ଭୂପେନ୍ଦ୍ର ବାଦୀ ଉକ୍ତ ଗାଡି ଉପରେ ୧୦ହଜାର ଟଙ୍କା ଜରିମାନା କରିଥିଲେ।

### ସମ୍ପନ୍ନ ହେଲା ମାଣ୍ଡିଆପଦର ସମଲେଇ ଯାତ୍ରା

ଲୋଇସିଂହା,୨।୧୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାଣ୍ଡିଆପଦର ଗ୍ରାମରେ ସମଲେଇ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କରୋନା କଟକଣାକୁ ଦୃଷ୍ଟିରେ ରଖି ଜନସମାଗମ ନ କରି ରୀତିନୀତିରେ ପୂଜା ସମ୍ପନ୍ନ ହୋଇଛି। ପୂଜକ ରାଧେଶ୍ୟାମ ପାଣ୍ଡେ ଇଷ୍ଟଦେବୀ ସମଲେଇ ଓ ଶ୍ରୀକୃଷ୍ଣଙ୍କୁ ଆରାଧନା କରିଥିଲେ। ବରୁଆ ଗଣ୍ଡାରାମ ପୋଡଙ୍କୁ କାଳିସୀ ଲାଗିଥିଲେ। ପୂଜା ସମ୍ପନ୍ନ ପରେ କେନ୍ଦୁବାଡି ଖେଳ ମାଣ୍ଡିଆପଦର ଗ୍ରାମ ପରିକ୍ରମା କରିଥିଲା। ପୂଜା କର୍ମକର୍ତ୍ତା ସୁଖଦେବ ପାଣ୍ଡେ, କୁମର ପାଣ୍ଡେ, ଚହକା ପାଣ୍ଡେ, ଚମାର ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ବାବୁପାଲି ଚାଷୀଙ୍କୁ ମିଳିନାହିଁ ଫସଲ ବୀମା ରାଶି

ବଲାଙ୍ଗୀର ଅଫିସ,୨।୧୧: ଆଗଲପୁର ବ୍ଲକ ବାବୁପାଲି ଗ୍ରାମର ୨ଶହରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୨୦୧୯ ଫସଲ ବୀମା ରାଶି ମିଳିନାହିଁ। ସେମାନେ ବୀମା ଟଙ୍କା ପାଇଁ ଦାବି କରୁଛନ୍ତି । ସୋମବାର ଗ୍ରାମର କେତେକ ଚାଷୀ ଜିଲାପାଳ କାର୍ଯ୍ୟାଳୟକୁ ଆସି ବୀମା ରାଶି ଟଙ୍କା ପ୍ରଦାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି ।

### ୪ ସନ୍ତାନର ଜନକ ହୋଇଛନ୍ତି ସରପଞ୍ଚ

ବଲାଙ୍ଗିର ଅଫିସ,୨।୧୧

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଭାଲୁମୁଣ୍ଡା ପଞ୍ଚାୟତର ସରପଞ୍ଚ ଆଇନ ଉଲ୍ଲଂଘନ କରି ସରପଞ୍ଚ ହୋଇଥିବା ନେଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତୁଳାରାମ ମେହେର ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି । ୨୦୧୭ ଏପ୍ରିଲରେ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ଭାବେ ଉପେନ୍ଦ୍ର ମେହେର ବିଜୟୀ ହୋଇଥିଲେ। ତାଙ୍କର ୪ଟି ସନ୍ତାନ ରହିଥିବା ସତ୍ତ୍ୱେ ସେ ଭୁଲ ତଥ୍ୟ ଦେଇ ୧୯୯୪ ପୂର୍ବରୁ ତାଙ୍କର ୩ଟି ସନ୍ତାନ ରହିଥିବା ଦର୍ଶାଇ ନିର୍ବାଚନ ଲଢ଼ିଥିବା ଅଭିଯୋଗ କରିଛନ୍ତି । ୧୯୯୮ରେ ସରପଞ୍ଚ ଉପେନ୍ଦ୍ର ମେହେରଙ୍କ ଏକ ଝିଅ ଜନ୍ମ ହୋଇଥିଲା । ସରପଞ୍ଚ ମେହେରଙ୍କ ସଢୁଙ୍କ ନାମ ମଧ୍ୟ ଉପେନ୍ଦ୍ର ମେହେର ହୋଇଥିବାରୁ ଉକ୍ତ ଝିଅଟି ତାଙ୍କ ସଢୁର ଦର୍ଶାଇ ସେ ନିର୍ବାଚିତ ହୋଇଥିବା ଅଭିଯୋଗ କରିଛନ୍ତି । ଏନେଇ ଭିଡିଓ ଭାଇରାଲ ହେବା ପରେ ଘଟଣା ଲୋକଲୋଚନକୁ ଆସିଥିବା ତୁଳାରାମ ମେହେର କହିଛନ୍ତି । ଜିଲାପାଳଙ୍କୁ ବହୁ ପୂର୍ବରୁ ଅଭିଯୋଗ କରାଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ସୋମବାର ପୁଣିଥରେ ଜିଲାପାଳ କାର୍ଯ୍ୟାଳୟକୁ ଆସି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଥିବା ସେ କହିଛନ୍ତି। ଅଭିଯୋଗ ଉପରେ ସରପଞ୍ଚ ଉପେନ୍ଦ୍ର ମେହେରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

# ପିଟିଲେ ପିଟ, ହଟିବୁ ନାହିଁ

ସମ୍ବଲପୁର,୨।୧୧(ବ୍ୟୁରୋ)

ସମ୍ବଲପୁର କୋଭିଡ ମେଡିକାଲ ସମ୍ମୁଖରେ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ନିଯୁକ୍ତି ପାଇଥିବା ଏଏନ୍‌ଏମ୍ ମାନେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସେମାନେ ଅପରାହ୍ନ ୨ଟାରୁ ରାତି ପର୍ଯ୍ୟନ୍ତ ଧାରଣାରେ ବସିଥିଲେ । ଦାବି ପୂରଣ ନ ହେବା ଯାଏଁ ଆନ୍ଦୋଳନ ଓ ଧାରଣା ଜାରି ରହିବ ବୋଲି ଜିଦ୍‌ଧରିଥିଲେ । ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଶଶି ଭୂଷଣ ପଟେଲ, ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡା ପ୍ରମୁଖ ସେଠାକୁ ପହଞ୍ଚି ଆଲୋଚନା କରିଥିଲେ । ହେଲେ ଆଲୋଚନା ବିଫଳ ହୋଇଥିଲା। ପୋଲିସ ଲଗାଇ ପିଟିଲେ ପିଟ ହେଲେ ହଟିବୁ ନାହିଁ। ଅନ୍ୟ ଜିଲା ଯେଭଳି ନିଯୁକ୍ତି ସମୟକୁ ବୃଦ୍ଧି କରାଯାଇଛି ସେଭଳି ଭାବେ ନିଯୁକ୍ତି କରାଯାଉ ବୋଲି ଏଏନଏମମାନେ ଦାବି କରିଥିଲେ। କୋଭିଡ ମହାମାରୀ ସମୟରେ ଗ୍ରାମାଞ୍ଚଳ ଓ କୋଭିଡ ମେଡିକାଲରେ ଆମେ କାମ କରିଥିଲୁ। ହେଲେ ବର୍ତ୍ତମାନ ଆମକୁ ଛଟେଇ କରାଯାଉଛି । ପ୍ରାୟ ୧୦୦ ଜଣ ଏଏନଏମ ଏଭଳି ପ୍ରଭାବିତ ହୋଇଛନ୍ତି। ଏ ନେଇ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପଟେଲ କହିଛନ୍ତି ଯେ, କୋଭିଡ ସମୟରେ ଆବଶ୍ୟକତା ଅନୁସାରେ ଅସ୍ଥାୟୀ ଭାବେ ଏଏନଏମ୍ ନିଯୁକ୍ତି ଦିଆଯାଇଥିଲା। ବର୍ତ୍ତମାନ ଜିଲାରେ କୋଭିଡ ନିୟନ୍ତ୍ରଣାଧୀନ ରହିଛି। ତେଣୁ ସେମାନଙ୍କୁ ଛଟେଇ କରାଯାଇଛି । ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରଥମ ପର୍ଯ୍ୟାୟ ନିଯୁକ୍ତି ପାଇଥିବା ଏଏନ୍‌ଏମ୍ ମାନଙ୍କ କାର୍ଯ୍ୟ ସମୟ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ହେଲେ ଦ୍ୱିତୀୟ ପର୍ଯ୍ୟାୟରେ ନିଯୁକ୍ତି ପାଇଥିବା ଏଏନ୍‌ଏମ୍ ମାନଙ୍କ ପାଇଁ କୌଣସି ନିର୍ଦ୍ଦେଶ ନ ଥିବା ପଟେଲ କହିଛନ୍ତି ।


କୋଭିଡ ମେଡିକାଲ ସମ୍ମୁଖରେ ଏଏନଏମଙ୍କ ଧାରଣା।

## ଶାଗୁଆନ ଗଛ କାଟିନେଲେ ଦୁର୍ବୃତ୍ତ



ଅମରପାଲି, ୨।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ବନଖଣ୍ଡ ବୀରମହାରାଜପୁର ରେଞ୍ଜ ହାତିଲିମୁଣ୍ଡା ବିଟର ଅମରପାଲି ଗ୍ରାମରେ ରୟତି ଜମିରେ ଥିବା ୩ଟି ଶାଗୁଆନ ଗଛକୁ ଦୁର୍ବୃତ୍ତମାନେ ରବିବାର ରାତିରେ କାଟି ନେଇଛନ୍ତି। ଅମରପାଲିର ଜୟପ୍ରକାଶ ସାହୁ ଓ ସୁନୀଲ କୁମାର ସାହୁ ୨୦ ବର୍ଷ ତଳେ ନିଜ ରୟତି ଜମିହିଡରେ ଶାଗୁଆନ ଗଛ ଲଗାଇଥିଲେ । ଏହି ଗଛଗୁଡିକ ବେଶ୍ ବଡ ହୋଇ ଯାଇଥିଲା। ଗତ ରାତିରେ କାଠ ମାଫିଆମାନେ କଟର ଓ କରତ ସାହାଯ୍ୟରେ ୩ଟି ଗଛକୁ କାଟି ଏହାର ଗଣ୍ଡିଗୁଡିକୁ ଚୋରି କରି ନେଇଯାଇଛନ୍ତି। ଗଛର ଅନ୍ୟ ଅଂଶ ସବୁ ସେଠାରେ ପଡି ରହିଛି । ଗଛଗୁଡିକ ପ୍ରାୟ ୪ଫୁଟ ଗୋଲେଇ ଓ ୧୮ ଫୁଟ ଲମ୍ବ ହୋଇଯାଇଥିଲା। ଜମି ମାଲିକ ସକାଳେ ନିଜ ଜମିକୁ ଧାନ ଚାଷ ଦେଖିବାକୁ ଯିବା ବେଳେ ଗଛଗୁଡିକ କଟାଯାଇ ଉଠି ଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ବୀରମହାରାଜପୁର ରେଞ୍ଜ ଅଧିକାରୀ ଅବିନାଶ ବରିହାଙ୍କ ନିକଟରେ ଅଭିଯୋଗ କରାଯାଇଛି। ବନ ବିଭାଗ ଉକ୍ତ କାଠ ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ସ୍କୁଲ ବନ୍ଦ ନ କରିବା ଦାବିରେ ଧାରଣା


ସ୍କୁଲ ବନ୍ଦ ନ କରିବା ଦାବିରେ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

ବରଗଡ଼ ଅଫିସ୍,୨।୧୧

ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ୍ ଥିବା ଦର୍ଶାଇ ସରକାର କେତେକ ପ୍ରାଥମିକ ସ୍କୁଲକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହାକୁ ନେଇ ସମ୍ପୃକ୍ତ ସ୍କୁଲ ଉପରେ ନିର୍ଭର କରୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ସୋମବାର ବରଗଡ଼ ଜିଲାର ଛୁରିଆପାଲି ପଞ୍ଚାୟତ ଗୋବିନ୍ଦପୁର, ଭେଡ଼େନ ବ୍ଲକର ତାଲଗାଁ, ବରପାଲି ବ୍ଲକର ଡୁଲଣ୍ଡି, ବିଜୟପଲ୍ଲୀ, ଗାଇସିଲେଟ ବ୍ଲକର ଜଡ଼ାମୁଣ୍ଡା ଆଦି ଗ୍ରାମର ଲୋକେ ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିଥିଲେ। ଏହା ସହିତ ସ୍କୁଲ ବନ୍ଦ ନ କରିବା ପାଇଁ ଜିଲାପାଳଙ୍କୁ ସେମାନେ ସ୍ମାରକପତ୍ର ପ୍ରଦାନ କରିଥିଲେ । ଡେପୁଟି କଲେକ୍ଟର ପ୍ରଦୀପ କୁମାର ନନ୍ଦ ସ୍ମାରକପତ୍ର ଗ୍ରହଣ କରିଥିଲେ । ଆମ୍ ଆଦମୀ ପାର୍ଟିର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ ଉପସ୍ଥିତ ରହି ଧାରଣାକୁ ସମର୍ଥନ କରିଥିଲେ । ବହୁଜନ ସମାଜ ପାର୍ଟି ବରଗଡ଼ ଜିଲା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅନ୍ୟ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ମନୋଜ କୁମାର କଲେତଙ୍କ ନେତୃତ୍ୱରେ ପାର୍ଟିର ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଅଫିସକୁ ଯାଇ ତାହା ପ୍ରଦାନ କରିଥିଲେ ।

## ଧୁବେନଛାପଲ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ଦାବି

ସମ୍ବଲପୁର, ୨।୧୧ (ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଧୁବେନଛାପଲ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉ ନ ଥିବାରୁ ଅଞ୍ଚଳର ୬ଟି ଗ୍ରାମ ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ହୋଇପାରୁ ନାହିଁ । ଫଳରେ ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପ୍ରକଳ୍ପର କାର୍ଯ୍ୟ ମଧ୍ୟ ଶେଷ ହୋଇଛି । ତେଣୁ ଜିଲା ପ୍ରଶାସନ ଧୁବେନଛାପଲ ପାନୀୟ ଜଳ ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ କରିବାକୁ ସୋମବାର ଖିଣ୍ଡା ବୀରସୁରେନ୍ଦ୍ର ସାଏ ସେନା ପକ୍ଷରୁ ସମ୍ବଲପୁର ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଖିଣ୍ଡା ବୀରୁସୁରେନ୍ଦ୍ର ସାଏ ସେନା ପରାମର୍ଶଦାତା ବୀରେନ୍ଦ୍ର ପାଣିଗ୍ରାହୀ, ସଭାପତି ସୁରେନ୍ଦ୍ର ପ୍ରଧାନ, ସହ ସମ୍ପାଦିକା ଗୀତାଞ୍ଜଳୀ ସାହୁ, ରମଣୀ ରଞ୍ଜନ ପଟ୍ଟନାୟକ, ଉପ ସଭାପତି ଅନୁପମା ସେଠ, ହରିହର ରାୟଙ୍କ ସ୍ୱାକ୍ଷର ସ୍ମାରକପତ୍ରରେ ରହିଛି ।

## ଫସଲ ବୀମା ରାଶି ପ୍ରଦାନ ଦାବିରେ ଅନଶନ

ବଲାଙ୍ଗୀର ଅଫିସ,୨।୧୧

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ବେଲପଡା ଓ ଯୁରାବନ୍ଧ ପଞ୍ଚାୟତରେ ଚାଷୀମାନେ ୨୦୧୯ ଫସଲ ବୀମା ରାଶି ପ୍ରଦାନ ଦାବିରେ ସୋମବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ହେକ୍ଟର ପିଛା ୫୦ହଜାର ଟଙ୍କା ଫସଲ ବୀମା ଟଙ୍କା ପ୍ରଦାନ କରାଯିବା ଦାବି ନେଇ କୃଷକ ସଂଘ ଆବାହକ ଯୋଗେନ୍ଦ୍ର ବଛାଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ଭାଜପା ନେତା ଲକ୍ଷ୍ମଣ ବାଗଙ୍କ ସହ ବହୁ ଚାଷୀ ଯୋଗ ଦେଇଥିଲେ । ୨୦୧୯ ଖରିଫ ଋତୁରେ ଏହି ଦୁଇ ପଞ୍ଚାୟତରେ ସ୍ୱାଭାବିକ ବର୍ଷାଠାରୁ କମ୍ ବର୍ଷା ହୋଇଥିଲା। ଫଳରେ ଏଠାରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଦୁଇ ପଞ୍ଚାୟତର ଚାଷୀ ରୋୟଲ ସୁନ୍ଦରମ୍ କମ୍ପାନୀରେ ଫସଲ ବୀମା ପ୍ରିମିୟମ ପୈଠ କରିଥିଲେ। ପରିସଂଖ୍ୟାନ ବିଭାଗ ପକ୍ଷରୁ କ୍ରପକଟିଂ ରିପୋର୍ଟ ଅନୁଯାୟୀ ହେକ୍ଟର ପିଛା ଚାଷୀମାନେ ୬୦ ହଜାର ଟଙ୍କା ପାଇବାକୁ ହକ୍‌ଦାର ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଟଙ୍କାଟିଏ ମଧ୍ୟ ମିଳିନାହିଁ ବୋଲି ଚାଷୀମାନେ ଜିଲାପାଳଙ୍କୁ ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଗତ ସେପ୍ଟେମ୍ବର ୧୮ରେ ଏହି ଦୁଇ ପଞ୍ଚାୟତର ୧୫୨ଜଣ ଚାଷୀ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ହେକ୍ଟର ପିଛା ୫୦ ହଜାର ଟଙ୍କା ଯଥାଶୀଘ୍ର ପ୍ରଦାନ କରିବାକୁ ଦାବି ଜରିଥିଲେ। ଜିଲାପାଳ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଚାଷୀମାନେ ଅନଶନରେ ବସିଛନ୍ତି ବୋଲି ଆବାହକ ବଛା କହିଥିଲେ। ଚାଷୀମାନଙ୍କ ନ୍ୟାର୍ଯ୍ୟ ଦାବି ପ୍ରତି ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଭାଜପା ନେତା ଲକ୍ଷ୍ମଣ ବାଗ କହିଥିଲେ । ଜିଲାପାଳ ଚଞ୍ଚଳ ରାଣା ଚାଷୀଙ୍କ ଫସଲ ବୀମା ଟଙ୍କା ପ୍ରଦାନ ନେଇ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।



ଫସଲ ବୀମା ଟଙ୍କା ପ୍ରଦାନ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରତ ଚାଷୀ।

# ପାନୀୟ ଜଳ ପାଇଁ ସମଲେଇଟିକ୍ରାବାସୀ ହନ୍ତସନ୍ତ

- ପଡାରୁ ୧ କି.ମି ଦୂରରେ ରହିଛି ପାଇପ ଲାଇନ
- ପାଇପ ପାଣି ଯୋଗାଇ ଦେବାକୁ ଦାବି

ବିନିକା, ୨।୧୧(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ପଞ୍ଚାୟତ ଅନ୍ତର୍ଗତ ହୁଡୁମା ଗ୍ରାମ ୨ଟି ୱାର୍ଡକୁ ନେଇ ଗଠିତ । ୨ନଂ ୱାର୍ଡ ସମଲେଇଟିକ୍ରା ପଡାରେ ଆଦିବାସୀ ଓ ପଛୁଆ ବର୍ଗର ୫୦ ପରିବାର ବସବାସ କରନ୍ତି। ଜନସଂଖ୍ୟା ୪ ଶହରୁ ଊର୍ଦ୍ଧ୍ୱ। ପଡାବାସୀଙ୍କ ମୁଖ୍ୟ ସମସ୍ୟା ପାନୀୟ ଜଳ । ପାଣି ପାଇଁ ବର୍ଷବର୍ଷ ଧରି ପଡାବାସୀ ଅସୁବିଧାର ସମ୍ମୁଖୀନ ହୋଇ ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଶୁଣିବାକୁ କେହି ନାହିଁ ।

ପଡାରେ ୩ଟି ନଳକୂପ ରହିଛି। ସେଥିରୁ ୨ଟିରୁ ପୋକ ଓ ଲୌହ ମିଶ୍ରିତ ପାଣି ବାହାରୁ ଥିବାରୁ ବ୍ୟବହାର ଉପଯୋଗୀ ନୁହେଁ। ଯେଉଁ ଗୋଟିକରୁ ପାନୀୟ ଉପଯୋଗୀ ଜଳ ବାହାରୁଛି ସେଠାରେ ପ୍ରବଳ ଭିଡ ଜମୁଛି। ଏଥିଯୋଗୁ ଜଳ ସଂଗ୍ରହ ବେଳେ ଅନେକ ସମୟରେ ଗଣ୍ଡଗୋଳ ହେଉଛି। ଅନ୍ୟପକ୍ଷେ ୨୦୧୦-୧୧ ଆର୍ଥିକ ବର୍ଷରେ ବିନିକା ଆର୍‌ଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ଜୀରାନଦୀରୁ ମୋଟର ଯୋଗେ ହୁଡୁମା ଗ୍ରାମକୁ ପାଇପ ପାଣି ଯୋଗାଇ ଦେବାର ବ୍ୟବସ୍ଥା ହୋଇଥିଲା। ଏଥିପାଇଁ ପାଇପ ସଂଯୋଗ ହେଲା। ମାତ୍ର ହୁଡୁମା ଗ୍ରାମ ମୁଣ୍ଡ ବରଗଛ ଯାଏ ପାଇପ ବିଛାଇଲା ପରେ ସମଲେଇ ଟିକ୍ରାପଡାକୁ ପାଇପ ବିଛାଗଲା ନାହିଁ । ବର୍ତ୍ତମାନ ଏହି ପଡାରୁ ମାତ୍ର ୧ କିମି ଦୂରରେ ରହିଛି ପାଣି ପାଇପ। ଅପରପକ୍ଷରେ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ ପାଇପ ଫାଟି ଅଯଥାରେ ପାଣି ନଷ୍ଟ ହେଉଛି। ଅଥଚ ପଡାବାସୀଙ୍କୁ ପାଇପ ପାଣି ମିଳୁନାହିଁ। ଏ ନେଇ ହୁଡୁମା ଗ୍ରାମ ସମଲେଇ ପଡାବାସୀ ରବିବାର ଜଳଯୋଗାଣ ବିଭାଗ ବିରୋଧରେ ଅସନ୍ତୋଷ ପ୍ରକାଶ କରିଥିଲେ। ପଡାର ବସୁଦେବ ପୋଢ, ଯତୀଶ ଭୋଇ, ସମୀର ବାଗ, ସାଧବ ଢୁଢୁକା, ପୀତାମ୍ବର ଅମାତ୍ ପ୍ରମୁଖ କହିଛନ୍ତି ଯେ, ଦୀର୍ଘ ୧୦ବର୍ଷ ହେଲା ବିଭାଗକୁ ପଡାର ପାନୀୟ ଜଳସମସ୍ୟା ବିଷୟରେ ଜଣାଇ ଆସୁଛୁ। ତଥାପି ସମସ୍ୟାର ସମାଧାନ ହେଉନାହିଁ । ମମତା ପୋଢ, କଲ୍ୟାଣୀ ପୋଢ, ସୁକାନ୍ତି ପୋଢ, ଲବଙ୍ଗ ମହାକୁର, ସେବତୀ ପୋଢ, ପୂର୍ଣ୍ଣ ବରିହା, ମୀନା ପୋଢ ପ୍ରମୁଖ କହିଛନ୍ତି ଯେ, ଦୀର୍ଘବର୍ଷ ହେଲା ପାନୀୟ ଜଳ ପାଇଁ ହୀନସ୍ତା ହେଉଛୁ । ଜୀରାନଦୀକୁ ପିଲାଛୁଆ ଧରି ପାଣି ସଂଗ୍ରହ କରିବାକୁ ଯିବାକୁ ପଡୁଛି । ଖରାଦିନେ ନଦୀ ଶୁଖିଗଲେ ଚୂଆ ଖୋଳି ପାଣି ସଂଗ୍ରହ କରୁଛୁ। ପ୍ରତିବର୍ଷ ପଡା ଲୋକେ ଦୂଷିତ ପାଣି ପିଇ ଝାଡାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି। ପାଇପ ଲାଇନ ପଡାକୁ ସଂଯୋଗ କରିବାରେ ବିଳମ୍ବ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ବାଧ୍ୟ ହେବୁ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି ।


ନଳକୂପ ଆଗରେ ପଡାର ମହିଳାମାନେ ।

## ଟ୍ରାକ୍ଟର ମାଲିକଙ୍କଠାରୁ ୩.୫ଲକ୍ଷ ଟଙ୍କା ଜରିମାନା ଅସୁଲି

ତରଭା, (ଡି.ଏନ.ଏ.)-ସୁବର୍ଣ୍ଣପୁର ଜିଲା ତରଭା ତହସିଲ ପକ୍ଷରୁ ଚୋରାବାଲି, ମୋରମ ଓ ପଥର ଚାଲାଣ କରୁଥିବା ଟ୍ରାକ୍ଟର ମାଲିକଙ୍କଠାରୁ ୩ଲକ୍ଷ ୫୦ହଜାର ଟଙ୍କା ଜରିମାନା ଅସୁଲ କରାଯାଇଛି। ତହସିଲଦାର ସୁବ୍ରତ ବେହେରା ସୋମବାର ଚୋରାଚାଲାଣରେ ଲିପ୍ତ ୨୯ ଟ୍ରାକ୍ଟର ମାଲିକଙ୍କଠାରୁ ଜରିମାନା ସ୍ୱରୂପ ଏହି ଟଙ୍କା ଆଦାୟ କରିଛନ୍ତି।

# କୃଷି ବିଲ୍ ବିରୋଧରେ ଚାଷୀ ମେଳି

**ବରଗଡ଼ ଅଫିସ୍,୨।୧୧**



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଚାଷୀନେତାମାନେ ।

- ୫ରେ ପଶ୍ଚିମ ଓଡ଼ିଶାର ପ୍ରତି ଜିଲାରେ ରାସ୍ତାରୋକୋ
- କଳାବ୍ୟାଜ୍ ପିନ୍ଧି ମଣ୍ଡିକୁ ଧାନ ବିକିବାକୁ ଆସିବେ ଚାଷୀ

କୃଷି ବିଲ୍ ଚାଷୀ ବିରୋଧୀ। ଚାଷ ଓ ଚାଷୀଙ୍କୁ ଖତମ୍ କରିଦେବା ପାଇଁ ଏହା ଏକ ଷଡ଼ଯନ୍ତ୍ର। ଅନ୍ୟପଟେ କୃଷିକ୍ଷେତ୍ରରେ କମ୍ପାନୀକରଣର ଏହା ଏକ ନମୁନା ବୋଲି ସୋମବାର ବରଗଡ଼ ସମତା ଭବନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ପ୍ରତିନିଧିମାନେ ମତବ୍ୟକ୍ତ କରିଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୫ତାରିଖରେ ଅଖିଳ ଭାରତୀୟ କିଶାନ ସଂଘର୍ଷ ସମନ୍ୱୟ ସମିତି ଦେଶବ୍ୟାପୀ ରାସ୍ତାରୋକୋ ଡାକରା ଦେଇଛି। ଏହି କ୍ରମରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲାରେ ସେହିଦିନ ପ୍ରତୀକାତ୍ମକ ରାସ୍ତାରୋକୋ ହେବ ବୋଲି ସୂଚନା ଦିଆଯାଇଥିଲା। ସେହିପରି ଆସନ୍ତା ୯ତାରିଖରେ ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେଉଛି । ଧାନବିକ୍ରି ପାଇଁ ମଣ୍ଡିକୁ ଆସିବାବେଳେ ମଧ୍ୟ ଚାଷୀମାନେ କୃଷି ବିଲ୍‌କୁ ବିରୋଧ କରି କଳାବ୍ୟାଜ୍ ପରିଧାନ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି ।

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ ନୂତନ କୃଷି ବିଲ୍‌ରେ ଚାଷୀମାନେ କିଭଳି ଶୋଷିତ ହେବେ, ସେ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସେହିପରି ଅନ୍ୟତମ ଆବାହକ ଅଶୋକ ପ୍ରଧାନ ପୁଞ୍ଜିପତିଙ୍କ ସ୍ୱାର୍ଥ ସାଧନ ପାଇଁ ସେଭଳି କୃଷି ବିଲ୍ ଅଣାଯାଇଛି ବୋଲି ଅଭିଯୋଗ କରିବା ସହିତ କେନ୍ଦ୍ର ସରକାର ଏହାକୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଅପରପକ୍ଷେ ସ୍ୱାମୀନାଥନ କମିଶନ ରିପୋର୍ଟକୁ କାର୍ଯ୍ୟକାରୀ କରିବା, ଚାଷୀଙ୍କ ଋଣଛାଡ଼ କରିବା, କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି)କୁ ଆଇନଗତ ମାନ୍ୟତା ପ୍ରଦାନ ଏବଂ ଓଡ଼ିଶା ସରକାର ଏଥିପାଇଁ ସ୍ୱତନ୍ତ୍ର ଆଇନ ଆଣିବାକୁ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ ଦାବି ହୋଇଛି ।

ସେହିପରି ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁସାରେ ଆସନ୍ତା ଧାନ ସଂଗ୍ରହ ପ୍ରକ୍ରିୟାରେ ଅଣଜଳସେଚିତ ଅଞ୍ଚଳର ଚାଷୀ ଏକର ପ୍ରତି ୧୨କୁଇଣ୍ଟାଲ ଏବଂ ଜଳସେଚିତ ଅଞ୍ଚଳର ଚାଷୀମାନେ ଏକର ପ୍ରତି ୧୯କୁଇଣ୍ଟାଲ ଧାନ ବିକ୍ରିର ସୁଯୋଗ ପାଇବେ । ଏହି ନିଷ୍ପତ୍ତିରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଉଦବେଗ ପ୍ରକାଶ କରିଛି । ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିରେ କେଉଁ ଅଞ୍ଚଳର ଚାଷୀ ଏକର ପ୍ରତି କେତେ ପରିମାଣର ଧାନ ବିକ୍ରି କରିପାରିବେ, ସେ ନେଇ ନିଷ୍ପତ୍ତି ନିଆଯାଉ ବୋଲି ମଧ୍ୟ ଦାବି ହୋଇଛି । ବୈଠକରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲାର ଶହେରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ। ଦେବଗଡ଼ରୁ ପ୍ରମୋଦ ଝାଙ୍କର, ଝାରସୁଗୁଡ଼ାରୁ ଦିଲୀପ ବଡ଼େଇ, ସୋନପୁରରୁ ରାଜେନ୍ଦ୍ର ନାୟକ, ବଲାଙ୍ଗୀରରୁ ସତ୍ୟ ବନଛୋର, କଳାହାଣ୍ଡିରୁ ଲକ୍ଷ୍ମଣ ରଣବୀର, ଜୟ କିଶାନ ଆନ୍ଦୋଳନ ସଭାପତି ସୁଶୀଲ ସାହୁ, ସମ୍ପାଦକ ହର ବଣିଆ, ରମେଶ ମହାପାତ୍ର, ଶିବ ପ୍ରସାଦ ପ୍ରଧାନ, ଉପନ୍ନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### କ୍ରଶରରେ ଡକାୟତି, ଜଣେ ଗିରଫ

ତରଭା, ୨।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ଥାନା ଅନ୍ତର୍ଗତ ପଣ୍ଡରାପିଟା ଗ୍ରାମ ନିକଟ ରାମଚଣ୍ଡୀ ଷ୍ଟୋନ କ୍ରଶରରେ ଡକାୟତି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ବଣ୍ଟି ନାଏକ(୩୬)। ଅଭିଯୋଗ ଅନୁସାରେ ଅକ୍ଟୋବର ୩୦ ତାରିଖ ରାତି ପ୍ରାୟ ୧୨ଟା୩୦ରେ ବଣ୍ଟି ଏବଂ ତାଙ୍କର ଦୁଇ ସହଯୋଗୀ କ୍ରଶରକୁ ଯାଇଥିଲେ। ସେଠାରେ କାମ କରୁଥିବା ଦୀନେଶ ଶର୍ମା, ରବିନ୍ଦ୍ର ମହାକୁର, ଖଗନ ପାଲଙ୍କୁ ଗାଳିଗୁଲଜ କରିବା ସହ ମାରଣାସ୍ତ୍ର ଦେଖାଇ ଟଙ୍କା ମାଗିଥିଲେ। ଟଙ୍କା ଦେବା ପାଇଁ ମନା କରିବାରୁ ଆକ୍ରମଣ କର ଦୀନେଶ ଶର୍ମାଙ୍କ ପାଖରେ ଥିବା ୫୦ହଜାର ଟଙ୍କା ଛଡାଇ ନେଇ ଫେରାର ହୋଇଯାଇଥିଲେ। ଶନିବାର କ୍ରଶର ଇନଚାର୍ଜ ପ୍ରଭୁଦତ୍ତ ମିଶ୍ର ତରଭା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତି କରି ଏସଆଇ ପ୍ରିୟଙ୍କା ବେହେରା,ଏଏସଆଇ ନାରାୟଣ ଶାହା ସଦଳବଳେ ସୋମବାର ସକାଳେ ବେଲମୁଣ୍ଡା ଗ୍ରାମରୁ ବଣ୍ଟିକୁ ତାଙ୍କ ଶଶୁର ଘରୁ ଗିରଫ କରିଥିଲା । ଏ ନେଇ ଥାନାରେ ଏକ ମାମଲା(ନଂ. ୧୮୭/୨୦) ରୁଜୁ ହୋଇଛି। ଫେରାର ୨ ଅଭିଯୁକ୍ତଙ୍କୁ ଖୋଜୁଥିବା ପୋଲିସ କହିଛି।

### କୃଷକ ସଙ୍ଗଠନର ସାପ୍ତାହିକ ସଭା

ଜାମଟିକ୍ରା, ୨।୧୧ (ଡି.ଏନ.ଏ.): ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ସାପ୍ତାହିକ ସଭା ଅତାବିରା ବ୍ଲକ ଅଧୀନ ରେଙ୍ଗାଲି କ୍ୟାମ୍ପ କାଳୀ ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କୃଷକ ସଙ୍ଗଠନ ଉପସଭାପତି ସୁରେନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲାସ୍ତରୀୟ ଧାନ ସଂଗ୍ରହ ନଭେମ୍ବର ୯ ତାରିଖରେ ସମସ୍ତ ମଣ୍ଡି ଖୋଲାଯିବା ପାଇଁ ନିଷ୍ପତ୍ତି ହୋଇଛି । ଏଣୁ ଉକ୍ତ ସଭାରେ ଏହାକୁ ପ୍ରବଳ ବିରୋଧ କରାଯିବା ସହ ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନ ସମସ୍ତ ମଣ୍ଡି ଏବଂ କ୍ରୟକେନ୍ଦ୍ର ଅନ୍ତତଃ ଆସନ୍ତା ୫ ତାରିଖ ଖୋଲାଯିବା ପାଇଁ ଦାବି କରାଯାଇଛି । ୫ ତାରିଖ ଅତାବିରା ନିୟନ୍ତ୍ରିତ ବଜାର କମିଟି ସମସ୍ତ ବଜାର ପ୍ରାଙ୍ଗଣରେ ଧାନ ପକାଇବା ପାଇଁ ପ୍ରସ୍ତାବ ନିଆଯାଇଥିଲା ।

### କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ

ଜହ୍ନାପଙ୍କ, ୨।୧୧ (ଡି.ଏନ.ଏ.): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନାପଙ୍କ ବଜରଙ୍ଗ ଯୁବକ ସଂଘ ଆନୁକୂଲ୍ୟରେ କାଳୀପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ସଭାପତି ରଞ୍ଜିତ ପ୍ରଧାନଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ପ୍ରକାଶ ବାରିକ ପ୍ରାରମ୍ଭିକ ସୂଚନା ଦେବା ସହିତ କରୋନା କଟକଣାରେ ପୂଜା ହେବାକୁ ମତ ଦେଇଥିଲେ । ଏହାକୁ ସଭ୍ୟମାନେ ସ୍ୱାଗତ କରିଥିଲେ । ସଭାରେ କୋଷାଧକ୍ଷ ବିକ୍ରମ ରଣା, ଅମିତ ପ୍ରଧାନ, ଶେଷଦେବ ପ୍ରଧାନ, ଦଶରଥ ପ୍ରଧାନ, ସୁମନ୍ତ ପ୍ରଧାନ, ବିପିନ ବିହାରୀ, ରଙ୍କ ବେହେରା, ପପୁ ବେହେରା, ସାରଙ୍ଗ ନାଏକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପସଭାପତି ରାଜେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ ।

### ମାସ୍କ ବଣ୍ଟନ, ସଚେତନତା କାର୍ଯ୍ୟକ୍ରମ

ବଡଗାଁ, ୨।୧୧ (ଡି.ଏନ.ଏ.): ସୁନ୍ଦରଗଡ ଜିଲା ବଡଗାଁ ଗ୍ରାମରେ ସୋମବାର ବ୍ଲକ ବିଜେଡି ପକ୍ଷରୁ ଗ୍ରାମବାସୀଙ୍କୁ ମାସ୍କ ବଣ୍ଟନ କରାଯିବା ସହିତ ଲୋକଙ୍କୁ କରୋନା ସମ୍ବନ୍ଧିତ ସଚେତନା ବାର୍ତ୍ତା ଦିଆଯାଇଛି। ପୂର୍ବାହ୍ନରେ ବିଜେଡି ସୁନ୍ଦରଗଡ ଜିଲା ସଭାପତି ବିନୟ ଟପ୍ପୋଙ୍କ ସହିତ କର୍ମୀମାନେ ବଡଗାଁର ବଡ୍ରି ବିଶାଳ ଶିବ ମନ୍ଦିର ନିକଟରେ ସମବେତ ହୋଇଥିଲେ। ପ୍ରାୟ ୨ଶହ ମହିଳା ପୁରୁଷ ନୃତ୍ୟ ଦଳ ସହିତ ଗ୍ରାମର ପ୍ରତ୍ୟେକ ଘରକୁ ଯାଇ ମାସ୍କ ବଣ୍ଟନ କରି ସଚେତନ କରାଇଥିଲେ । ପରେ ବଡଗାଁ ଅରବିନ୍ଦ ସ୍କୁଲ ନିକଟରେ କର୍ମୀମାନଙ୍କୁ ନେଇ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି ଦେବାଶିଷ ମିଶ୍ର, ଜିଲା ଉପସଭାପତି କିରଣ ଦିକ୍ଷୀତ, ସମିତି ସଭ୍ୟ କଷ୍ଟିନ କୁଜୁର, ସନ୍ୟାସୀ ମାଝି, ଦେବାଶିଷ ପୁରୋହିତ, ବାଲିଶଙ୍କରା ବ୍ଲକ ସଭାପତି କେଶବ ରଣା, ସବଡେଗା ବ୍ଲକ ସଭାପତି ଏମଡି ଜମିଲ, ବଡଗାଁ ବିଜେଡି କର୍ମୀ ବୀରେନ୍ଦ୍ର ରାଉତରାୟ, ରାଜୁ ଦାସ, ଆଲୋକ ପଟ୍ଟନାୟକ, ଉତ୍କଳ ମହାପାତ୍ର, ଇନ୍ଦ୍ରମଣୀ କିଷାନ, କୁତ୍ରା ବ୍ଲକର ଅର୍ଜୁନ ଜୟପୁରିଆ, ଆଗୁଷ୍ଟିନ ମିଞ୍ଜ ପ୍ରମୁଖ ଯୋଗ ଦେଇଥିଲେ ।

## ଜେଏମ୍ଏଫ୍‌ସି କୋର୍ଟ ନୂତନ ଗୃହ ପାଇଁ ଭୂମିପୂଜନ

**ହରଭଙ୍ଗା/ପୁରୁଣାକଟକ, ୨।୧୧ (ଡି.ଏନ.ଏ.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ୍ ଚାରିଛକଠାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପାଇଁ ନୂତନ ଗୃହର ଭୂମିପୂଜନ ସୋମବାର ଅନୁଷ୍ଠିତ ହୋଇଛି। ଭୂମିପୂଜନ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଦୌରାଜଜ୍ ଅରବିନ୍ଦ କୁମାର ଗୁରୁ ଯୋଗଦେଇଥିବା ବେଳେ ରେଜିଷ୍ଟ୍ରାର ପ୍ରତିଶ କୁମାର ରାଉତରାୟ, ହରଭଙ୍ଗା ବ୍ଲକ ଅଧକ୍ଷ୍ୟ ବିଶ୍ୱଜିତ ମିଶ୍ର, ହରଭଙ୍ଗା ବିଡିଓ ନୀଳକଣ୍ଠ ବେହେରା ଯୋଗଣ୍ଦେଇଥିଲେ । ଏହି ଅବସରରେ ହରଭଙ୍ଗା ଓକିଲ ସଂଘ ସଭାପତି ଅକ୍ଷୟ କୁମାର ସାହୁ, ସମ୍ପାଦକ ରଞ୍ଜିତ ପ୍ରଧାନ , ସରକାରୀ ଓକିଲ ଦିଲିପ ଧଳ ଓ ଅନ୍ୟ ଆଇନଜୀବୀମାନେ ଉପସ୍ଥିତ ଥିଲେ । ଦୀର୍ଘ ଦିନ ହେବ ହରଭଙ୍ଗା ବ୍ଲକରେ କୋର୍ଟ ସ୍ଥାପନ ପାଇଁ ଦାବି ହୋଇଆସୁଥିବା ବେଳେ ତାହା ଏବେ ପୂରୁଣ ହେବାକୁ ଯାଉଛି।

## ସେମିଷ୍ଟର ପରୀକ୍ଷାରେ ବିକାଶ ଛାତ୍ରୀଛାତ୍ରଙ୍କ ସଫଳତା


ପ୍ରିୟବ୍ରତ ସର ଦେବାଶିଷ ତ୍ରିପାଠୀ ରୁକ୍‌ସାର୍ ବାନୋ ପ୍ରଭାତ ମେହେର ନୀତିଶ କୁଷ୍ଟା

**ବରଗଡ଼ ଅଫିସ୍,୨।୧୧**

ବିଜୁ ପଟ୍ଟନାୟକ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ବିପିୟୁଟି) ଦ୍ୱାରା ଅନୁଷ୍ଠିତ ନଲେଜ ବେସ୍‌ଡ ଓପନ ବୁକ୍ ଅନ୍‌ଲାଇନ ଇଞ୍ଜିନିୟରିଂ ପରୀକ୍ଷାରେ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଷଷ୍ଠ ସେମିଷ୍ଟାର ପରୀକ୍ଷାରେ କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗର ପ୍ରଭାତ ମେହେର ଓ ରୁକ୍‌ସାର୍ ବାନୋ ୯.୬୭ ଏସଜିପିଏ, ଇଲେକ୍ଟ୍ରିକାଲ ଆଣ୍ଡ୍ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ ବିଭାଗର ପ୍ରିୟବ୍ରତ ସର ଓ ଦେବାଶିଷ ତ୍ରିପାଠୀ ୯.୬୭ ଏସଜିପିଏ, ସିଭିଲ ଇଞ୍ଜିନିୟରିଂ ବିଭାଗର ସୁସ୍ମିତ ପ୍ରମାଣିକ ୯.୧୭ ଏସ୍‌ଜିପିଏ, ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ କମ୍ୟୁନିକେଶନ ଇଞ୍ଜିନିୟରିଂ ବିଭାଗର ରାଜେଶ ରୋଶନ ମିଶ୍ର ଓ ବନ୍ଦିତା ପ୍ରଧାନ ୯ଏସ୍‌ଜିପିଏ ମାର୍କ ସହିତ କଲେଜ ଟପ୍ପର ହୋଇଛନ୍ତି ବୋଲି ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ସୂଚନା ଦେଇଛନ୍ତି । ମୋଟ୍ ୧୯ଜଣ ୯ଏସ୍‌ଜିପିଏରୁ ଊର୍ଦ୍ଧ୍ୱ ଏବଂ ୨୪ଜଣ ୮ରୁ ୯ଏସଜିପିଏ ମଧ୍ୟରେ ମାର୍କ ରଖି ସଫଳ ହୋଇଛନ୍ତି । ସେହିପରି ଚତୁର୍ଥ ସେମିଷ୍ଟାର ପରୀକ୍ଷାରେ କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗର ନୀତିଶ କୁମାର କୁଷ୍ଟା ୯.୩୮, ଇଲେକ୍ଟ୍ରିକାଲ ଆଣ୍ଡ୍ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ ବିଭଗର ପ୍ରୀତିମୟୀ ଖମାରୀ ୯.୨୫, ସିଭିଲ ଇଞ୍ଜିନିୟରିଂ ବିଭାଗର ଅବିନାଶ ମେହେର ୯.୨୫, ମେକାନିକାଲ ଇଞ୍ଜିନିୟରିଂ ବିଭାଗର ରୁଦ୍ରପ୍ରତାପ ପ୍ରଧାନ ୯ଏସ୍‌ଜିପିଏ ସହିତ କଲେଜ ଟପ୍ପର ହୋଇଛନ୍ତି ବୋଲି ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି ସଫଳତାରେ ବିକାଶ ଗ୍ରୁପ୍‌ର ଅଧକ୍ଷ ଡି. ମୁରଲିକ୍ରୀଷ୍ଣା, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଭି. ଶ୍ରୀନିବାସ, ଡାଇରେକ୍ଟର ଏକାଡ଼େମିକ୍ସ ଜି. ରାମକ୍ରିଷ୍ଣା, ଡାଇରେକ୍ଟର ଡି. ବିବେକ, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ. ଅଜୟ ମହାପାତ୍ର ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଦ୍ୱରାନ୍ୱିତ ହେଉନି ଉନ୍ନୟନ କାର୍ଯ୍ୟ ବ୍ଲକ ଅଫିସ ସମ୍ମୁଖରେ ଜନ ପ୍ରତିନିଧିଙ୍କ ମୌନ ଧାରଣା

**ଦେଓଗାଁ,୨।୧୧ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ବର୍ତ୍ତମାନ ଉନ୍ନୟନ କାର୍ଯ୍ୟ ଏକପ୍ରକାର ବ୍ୟାହତ ହୋଇଛି । ଫଳରେ ମଞ୍ଜୁର ଅର୍ଥ ପୁଣି ସରକାରଙ୍କ ନିକଟକୁ ଫେରିବାକୁ ବସିଛି । ପ୍ରଶାସନର ଏଭଳି ଅବହେଳା ପ୍ରତିବାଦରେ ସୋମବାର ଜନପ୍ରତିନିଧିମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମୌନ ଧାରଣାରେ ବସିଥିଲେ। ଫଳରେ ବିଡିଓ ନବୀନ କିଶୋର ପାଢ଼ୀ କାର୍ଯ୍ୟରେ ଯୋଗଦେଇ ନ ପାରି ଫେରି ଯାଇଥିଲେ। ଧାରଣାର ୨ଘଣ୍ଟା ପରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ସ୍ୱାଇଁ ଫୋନବାର୍ତ୍ତା ମାଧ୍ୟମରେ ଉନ୍ନୟନ କାର୍ଯ୍ୟ ଦ୍ୱରାନ୍ୱିତ ଦିଗରେ ପଦକ୍ଷେପ ନେବାପାଇଁ ପ୍ରତିଶ୍ରୁତି ଦେବା ପରେ ଜନପ୍ରତିନିଧିମାନେ ଧାରଣାରୁ ଓହରିଥିଲେ । ଗତ ୨୦୧୯ ଅଗଷ୍ଟ ମାସ ୧୩ ତାରିଖରେ ହୋଇଥିବା ଭୟଙ୍କର ବନ୍ୟା ସମୟରେ ଭାଙ୍ଗି ଯାଇଥିବା ରାସ୍ତାଘାଟ ମରାମତି ପାଇଁ ଆସିଥିବା ୧କୋଟି ୫୪ ଲକ୍ଷ ୮ଶହ ଟଙ୍କା ଖର୍ଚ୍ଚ ନ ହୋଇ ପଡି ରହିଛି । କେଉଁ ରାସ୍ତା କେତେ ଟଙ୍କାରେ ଉନ୍ନତୀକରଣ ହେବ ତାହା ନିଷ୍ପତ୍ତି ସରିଛି। ହେଲେ କାମ ଆରମ୍ଭ କରାଯାଉନାହିଁ । ଫଳରେ ଅକ୍ଟୋବର ୨୧ ତାରିଖରେ ହୋଇଥିବା ପଞ୍ଚାୟତ ସମିତି ବୈଠକରେ ସମସ୍ତ ଜନପ୍ରତିନିଧି ଏ ନେଇ ଦାବି କରିବା ପରେ ବିଡିଓ ପାଢ଼ୀ ୭ଦିନ ମଧରେ ପଡି ରହିଥିବା ଉନ୍ନୟନ କାର୍ଯ୍ୟର ଫାଇଲ ଖୋଲାଯାଇ କାର୍ଯ୍ୟ ଆରମ୍ଭର ପ୍ରତିଶ୍ରୁତି ଦେଇଥିଲେ । ହେଲେ ଇତିମଧରେ ୧୧ଦିନ ବିତିଯାଇଥିଲେ ହେଁ ଏ ଦିଗରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ସୋମବାର ପଞ୍ଚାୟତ ସମିତି ଅଧକ୍ଷା ରୀନା ମେହେରଙ୍କ ନେତୃତ୍ୱରେ ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀଙ୍କ ସହ ୧୯ଟି ପଞ୍ଚାୟତର ସମିତି ସଭ୍ୟାସଭ୍ୟ, ସରପଞ୍ଚ ବ୍ଲକ ସମ୍ମୁଖରେ ମୌନ ଧାରଣା ଦେଇଥିଲେ ।

## ଆଇଟିଆଇ ଅନ୍‌ଲାଇନ ପରୀକ୍ଷାକୁ ବିରୋଧ

**ବଡଗାଁ, ୨।୧୧ (ଡି.ଏନ.ଏ.)**



ସଂଘର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ରାଜ୍ୟ ଘରୋଇ ଆଇଟିଆଇ ସଂଘ ପକ୍ଷରୁ ଧାରଣା, ଦାବିପତ୍ର**

ସର୍ବଭାରତୀୟ ସ୍ତରରେ ଆଇଟିଆଇ ଗୁଡିକରେ ଅନଲାଇନ ପରୀକ୍ଷା କରାଯିବାକୁ ଡିଜିଇଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହାକୁ ବିରୋଧ କରି ଓଡ଼ିଶା ରାଜ୍ୟ ଘରୋଇ ଆଇଟିଆଇ ସଂଘ ପକ୍ଷରୁ ଗତ ୨୯ ତାରିଖରେ ନୂଆଦିଲ୍ଲୀସ୍ଥିତ ଯନ୍ତର ମନ୍ତରଠାରେ ଧାରଣା ଦିଆଯାଇଥିଲା । ଏହାକୁ ସମର୍ଥନ କରି ତାମିଲନାଡୁ, ଉତ୍ତରପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ହରିୟାଣା, ମହାରାଷ୍ଟ୍ର, ଆଇଟିଆଇ ମହା ସଂଘ ମଧ୍ୟପ୍ରଦେଶ, ଛତିଶଗଡ, ଝାଡ଼ଖଣ୍ଡ, ଆସାମ, ପଶ୍ଚିମବଙ୍ଗ ପ୍ରମୁଖ ରାଜ୍ୟର ଆଇଟିଆଇ ସଂଘ ପକ୍ଷରୁ ସମର୍ଥନ କରାଯାଇଥିଲା । ଉକ୍ତ ସଂଘର ସଭାପତି ତଥା ସଦସ୍ୟମାନେ ମଧ ଧାରଣାରେ ସାମିଲଥିଲେ । ପ୍ରକାଶଯୋଗ୍ୟ ଯେ, ସର୍ବ ଭାରତୀୟ ସ୍ତରରେ ଆଇଟିଆଇ ଗୁଡିକରେ ପଢୁଥିବା ଛାତ୍ରୀଛାତ୍ରମାନେ ଗରିବ ପରିବାରରୁ ଆସିଥିବା ସହ ଅଳ୍ପ ମେଧା ରହିଥାନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ କମ୍ପ୍ୟୁଟର ଶିକ୍ଷାରେ ଅନଭିଜ୍ଞ ଅଟନ୍ତି । ତେବେ ଆଇଟିଆଇ ଗୁଡିକରେ ସରକାରୀସ୍ତରରେ କମ୍ପ୍ୟୁଟର ଶିକ୍ଷାଦାନ କରିବାରେ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ବେଳେ ଡିଜିଇଟି ପକ୍ଷରୁ ଏହି ଅନଲାଇନ ପରୀକ୍ଷା ତରବରିଆ ଭାବେ କରିବା ଗ୍ରହଣୀୟ ନୁହେଁ ବୋଲି ସଂଘ ପକ୍ଷରୁ ଦାବି ଉପସ୍ଥାପନା କରାଯାଇଛି । ଯନ୍ତରମନ୍ତରଠାରେ ହୋଇଥିବା ଧାରଣାରେ ଓଡ଼ିଶା ରାଜ୍ୟ ଘରୋଇ ଆଇଟିଆଇ ସଂଘ ସଭାପତି ଡ. ଅରୁଣ କୁମାର ନାୟକ, ଦେବାଶିଷ ଆଚାର୍ଯ୍ୟ, ମିଳନ ମହାପାତ୍ର, ରୂପେଶ ଗିରି, ସ୍ୱାଧୀନ ନାୟକ, ତ୍ରିଲୋଚନ ରାୟ, ଦିଲୀପ ମହାଭୋଇ, ମେହମୁଦ୍ ଅହମ୍ମଦ୍ ପ୍ରମୁଖ ସଦସ୍ୟମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପରେ ସଂଘ ପକ୍ଷରୁ କେନ୍ଦ୍ର ସରକାଣଙ୍କ କୌଶଳ ବିକାଶ ମନ୍ତ୍ରୀ ମହେନ୍ଦ୍ର ନାଥ ପାଣ୍ଡେଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବିପତ୍ରରେ ଏହି କୋଭିଡ ମହାମାରୀ ସମୟରେ ଏହି ଅନଲାଇନ ପରୀକ୍ଷା ଯୁକ୍ତି ସଙ୍ଗତ ନୁହେଁ ବୋଲି ଅଭିଯୋଗ କରାଯାଇଛି । ରାଜ୍ୟ ଘରୋଇ ଆଇଟିଆଇ ସଂଘ ସଭାପତି ଡ. ଅରୁଣ କୁମାର ନାୟକ ଏହି ଅନଲାଇନ ପରୀକ୍ଷା ବ୍ୟବସ୍ଥା ଡିପ୍ଲୋମା ଓ ଡିଗ୍ରୀରେ କରା ନ ଯାଇ କେବଳ ଆଇଟିଆଇରେ କରାଇବା ଡିଜିଇଟି ଯୋଜନା କାହିଁକି କରାଯାଉଛି ବୋଲି ପ୍ରଶ୍ନ କରିଛନ୍ତି । ପରୀକ୍ଷା କେନ୍ଦ୍ରର ତାଲିକା ଆଜି ପର୍ଯ୍ୟନ୍ତ କରାଯାଇ ନ ଥିବା ବେଳେ ଅନଲାଇନ ପରୀକ୍ଷା ପାଇଁ କୌଣସି ଯୋଜନା କରା ନ ଯାଇ ଏହିଭଳି ନିଷ୍ପତ୍ତି ନିଆଯିବାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ସରିଲା କାନ୍ଦୁଲବୁଢ଼ା ଯାତ୍ରା

**ଦେଓଗାଁ, ୨।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାନ୍ଦୁଲବୁଢ଼ା ଦେଶଗୁଡିଖିଲା ଡଙ୍ଗରପଡାରେ ତିନିଦିନ ଧରି ଚାଲିଥିବା କାନ୍ଦୁଲବୁଢ଼ା ଯାତ୍ରା ସୋମବାର ଉଦ୍‌ଯାପିତ ହୋଇଛି । ବରୁଆଙ୍କ ଶରୀରରେ ଦେବତା ଆବିର୍ଭାବ ପରେ କେତେକ ଦେହୁରିଙ୍କ ଗହଣରେ ବିଧିରକ୍ଷା ପୂର୍ବକ ପୂଜାର୍ଚ୍ଚନା ହୋଇଥିଲା। ପ୍ରତିବର୍ଷ ଦଶହରା ଚତୁର୍ଦ୍ଦଶୀରୁ ଆରମ୍ଭ ହେଉଥିବା ଯାତ୍ରା ନିକଟସ୍ଥ ଜରାସିଂହାର ପ୍ରସିଦ୍ଧ ପାଟଖଣ୍ଡା ଦେବତାଙ୍କ ଯାତ୍ରା ସମ୍ପନ୍ନ ପରେ ସେଠାରୁ ପାଟ ସିନ୍ଦୂର ଅଣାଯାଇ ଏହି କାନ୍ଦୁଲବୁଢା ଯାତ୍ରା ଅନୁଷ୍ଠିତ ହୋଇଥାଏ । କରୋନା କଟକଣା ଯୋଗୁଁ ପାଟଖଣ୍ଡା ଯାତ୍ରା ୨ ଦିନରେ ସମ୍ପନ୍ନ ହୋଇଥିଲା। ତଦ୍ରୁପ ଏହିଯାତ୍ରା ମଧ ବିନା ଭକ୍ତ ସମାଗମରେ ପାଳିତ ହୋଇଥିଲା । ବ୍ୟବସ୍ଥା ପ୍ରମୁଖ ଅମିତ କୁମାର ସିଂନୀନାଙ୍କ ପରିଚାଳନା ତଥା ହେଡମଲ୍ଲିକ ବାସୁଦେବ ସିଂନୀନାଙ୍କ ସଭାପତିତ୍ୱରେ ଏହି ଯାତ୍ରା ହୋଇଥିଲା। ମୁଖ୍ୟ ଦେହୁରୀ ଶିବା ପ୍ରଧାନୀ, ମୁଖ୍ୟ ପୂଜକ ଚନ୍ଦ୍ର ପ୍ରଧାନୀ, ଛତରଧାରୀ ବୁଦ୍ଧଦେବ ପ୍ରଧାନୀ, ଡେବରିଆ ଗୌର ବାଗ ଓ ଭୁଜନିଆ ଚକ୍ରାନନ୍ଦ ବଗର୍ତ୍ତୀ ତଥା ଦ୍ୱିତୀୟ ମଲ୍ଲିକ ଭାବେ ସଦାନନ୍ଦ ସିଂନୀନା ଦାୟିତ୍ୱ ତୁଲାଇଥିଲେ।

## ବସ୍‌ଷ୍ଟାଣ୍ଡ ଜାଗା ପରିବର୍ତ୍ତନ ନ କରିବାକୁ ଦାବିପତ୍ର

**ରେଙ୍ଗାଲି, ୨।୧୧ (ଡି.ଏନ.ଏ)**

ସମ୍ବଲପୁର ଜିଲା ରେଙ୍ଗାଲି ସହର ପାଇଁ ପ୍ରସ୍ତାବିତ ବସଷ୍ଟାଣ୍ଡର ଜାଗା ପରିବର୍ତ୍ତନକୁ ନେଇ ରେଙ୍ଗାଲି ତହସିଲଦାରଙ୍କୁ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ରେଙ୍ଗାଲିରେ ଏକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ନୂଆରମ୍ଭେଲା ମୌଜାର ଖାତା ନଂ. ୩୫୯, ପ୍ଲଟ ନଂ. ୪ (ପି)ରେ ୩ ଏକର ଜାଗା ଚିହ୍ନଟ କରାଯାଇଥିଲା । କିନ୍ତୁ ପରେ ଉକ୍ତ ଜାଗାରେ ବସଷ୍ଟାଣ୍ଡ ନିର୍ମାଣ ନ କରି ବସ ଷ୍ଟାଣ୍ଡର ଜାଗା ପରିବର୍ତ୍ତନ କରାଯାଇଛି। ଏହାକୁ ନେଇ ରେଙ୍ଗାଲି ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖା ଯାଇଥିଲା। ସୋମବାର ରେଙ୍ଗାଲି ଗ୍ରାମବାସୀ ରେଙ୍ଗାଲି ତହସିଲଦାରଙ୍କୁ ସାକ୍ଷାତ କରି ବସଷ୍ଟାଣ୍ଡର ଜାଗା ପରିବର୍ତ୍ତନ ନ କରିବା ପାଇଁ ଦାବିପତ୍ର ଦେଇଛନ୍ତି । ରେଙ୍ଗାଲି ବ୍ଲକ ଏମ୍‌ପି ପ୍ରତିନିଧି ଯୁଗଳ ଅଗ୍ରୱାଲ, ରେଙ୍ଗାଲି ଜୋନ ୧ ଜିଲା ପରିଷଦ ସଭ୍ୟ ଡିରୋଜ ହେଡେଞ୍ଜା, ବିସିକେଶନ ପଣ୍ଡା, ଇଂ. ଗାନ୍ଧୀ ବେହେରା, ଲକ୍ଷ୍ମୀନାରାୟଣ ସାହୁ, ନଳିନୀ ପଧାନ, ପ୍ରଶାନ୍ତ କୁମାର ପଣ୍ଡା ଏବଂ ବହୁ ଗ୍ରାମବାସୀ ରେଙ୍ଗାଲି ତହସିଲଦାର ସୁନୀଲ ମେହେରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

## ବିଜେଡିର କରୋନା ସଚେତନତା ଅଭିଯାନ

**ବଲାଙ୍ଗୀର ଅଫିସ,୨।୧୧**

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରୁ ସୋମବାର ବିଜେଡର କରୋନା ଜନସଚେତନତା ଅଭିଯାନ ଆରମ୍ଭ ହୋଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜିତିବ ଓଡିଶା ବାର୍ତ୍ତା ନେଇ ଦଳୀୟ ନେତା ଓ କର୍ମୀମାନେ ଜନସାଧାରଣଙ୍କ ପାଖରେ ପହଞ୍ଚିଥିଲେ । ଯୁବନେତା ଅର୍କେଶ ନାରାୟଣ ସିଂଦେଓ ଓ ତାଙ୍କ ସ୍ତ୍ରୀ ଅଦ୍ରିଜା ସିଂଦେଓଙ୍କ ନେତୃତ୍ୱରେ କର୍ମୀମାନେ ସହର ପରିକ୍ରମା କରି ଲୋକଙ୍କୁ ମାସ୍କ ଓ ଲିଫ୍‌ଲେଟ୍ ବଣ୍ଟନ କରିଥିଲେ। ରାଜ୍ୟର କୋଭିଡ ମୁକାବିଲାରେ ସରକାରଙ୍କ ପଦକ୍ଷେପ ଓ ସଫଳତାକୁ ପ୍ରଚର କରାଯାଇଥିଲା। କୋଭିଡ ସଂକ୍ରମଣରୁ ରାଜ୍ୟର ୮୨ ପ୍ରତିଶତରୁ ଅଧିକ ଲୋକ ସୁସ୍ଥ ହୋଇଥିବା ଏବଂ ମୃତ୍ୟୁହାର ସର୍ବନିମ୍ନ ୦.୩୮%ରେ ସୀମିତ ରଖିଥିବା ସୂଚନା ଦିଆଯାଇଥିଲା। ସଚେତନତା ଶୋଭାଯାତ୍ରାରେ ପୂର୍ବତନ ପୌରାଧକ୍ଷା ସନ୍ତୋଷିନୀ ବେହେରା, ଦମୟନ୍ତୀ ବାଗ, ଉପାଧକ୍ଷା ଲିପିଶ୍ରୀ ସାଏ, ସଦର ବ୍ଲକ ଅଧକ୍ଷ ଗୋଲାପ ବାଗ, ଜିଲା ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତା, ଛାତ୍ର ସଭାପତି ଗୁଞ୍ଜ ଖାଁ, ଉମା ସିଂ, ସୁଶୀଲ ଚାନ୍ଦ ପ୍ରମୁଖ ସାମିଲ ହୋଇଥିଲେ ।



ବଲାଙ୍ଗୀର ବିଜେଡି ପକ୍ଷରୁ କରାଯାଇଥିବା କରୋନା ସଚେତନତା ଅଭିଯାନ।

# ଦାବି ପୂରଣ ପରେ କୋଇଲା ଉତ୍ପାଦନ କର

**ସମ୍ବଲପୁର,୨।୧୧(ବ୍ୟୁରୋ)**


ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିସ୍ଥାପିତମାନେ ।

**ତଲାବିରା କୋଇଲା ଖଣି**

- କମ୍ପାନୀ ବିରୋଧରେ ୮୫ ଦିନରେ ଆନ୍ଦୋଳନ
- ଜିଲାପାଳଙ୍କୁ ଅଭିଯୋଗ କଲେ ବିସ୍ଥାପିତ
- ବିଧାନସଭାରେ ମିଥ୍ୟା ତଥ୍ୟ ଦେଇଛି କମ୍ପାନୀ

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ତଲାବିରା କୋଇଲା ଖଣି ବିରୋଧରେ ବିସ୍ଥାପିତଙ୍କ ଆନ୍ଦୋଳନ ଜାରି ରହିଛି। କମ୍ପାନୀ ବିସ୍ଥାପିତଙ୍କ ଦାବି ପୂରଣ କରୁ ନ ଥିବାରୁ ସେମାନେ କୋଇଲା ଖଣି ନିକଟରେ ୮୫ ଦିନ ହେଲା ଆନ୍ଦୋଳନରେ ବସିଛନ୍ତି । ବର୍ତ୍ତମାନ କମ୍ପାନୀ କୋଇଲା ଉତ୍ପାଦନ ଆରମ୍ଭ କରିଥିବାରୁ ବିସ୍ଥାପିତମାନେ ଏହାକୁ ବିରୋଧ କରି ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ପ୍ରଥମେ ଦାବି ପୂରଣ ଏବଂ ପରେ କୋଇଲା ଉତ୍ପାଦନ କରାଯାଉ ବୋଲି ବିସ୍ଥାପିତମାନେ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି ।

ସୂଚନା ଅନୁସାରେ, କମ୍ପାନୀ କର୍ତ୍ତୃପକ୍ଷ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ବିସ୍ଥାପିତଙ୍କ ସହ ଆଲୋଚନା କରି ଦାବି ପୂରଣ ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ମଧ ତାହା ପାଳନ କରୁନାହାନ୍ତି। ବିସ୍ଥାପିତମାନଙ୍କୁ ନିଯୁକ୍ତି ଓ କ୍ଷତିପୂରଣ ଦିଆଯାଇନାହିଁ କି ଜମି ଅଧିଗ୍ରହଣ ଠିକ ଭାବେ କରାଯାଇନାହିଁ। ତଲାବିରା ଗ୍ରାମକୁ ବିସ୍ଥାପିତ କରାଯାଉ ବୋଲି ଦାବି କରାଯାଇଥିଲା ତାହା ମଧ ହେଲା ନାହିଁ । ଅନ୍ୟପଟେ କମ୍ପାନୀ ପୋଲିସ ଲଗାଇ ବଳ ପୂର୍ବକ ଗଛ କାଟିବା ସହ ଏବେ କୋଇଲା ଉତ୍ପାଦନ ଆରମ୍ଭ କରି ଦେଇଛି। ଫଳରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେଣୁ କମ୍ପାନୀ ବିସ୍ଥାପିତଙ୍କ ଦାବି ପୂରଣ କରିବା ପର୍ଯ୍ୟନ୍ତ କୋଇଲା ଉତ୍ପାଦନ ବନ୍ଦ କରୁ ବୋଲି ସେମାନେ ଦାବି କରିଛନ୍ତି । ନଚେତ ଯେଉଁ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ବିସ୍ଥାପିତମାନେ କହିଛନ୍ତି ।

ସେମାନେ ଅଭିଯୋଗ କରିଛନ୍ତି, ବିଧାନସଭାରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ ବିସ୍ଥାପିତମାନଙ୍କ ନିଯୁକ୍ତି ନେଇ ପ୍ରଶ୍ନ କରିଥିଲେ। ସେ ସମୟରେ ମଧ କମ୍ପାନୀର ମିଛି ରିପୋର୍ଟକୁ ଆଧାର କରି ଉତ୍ତର ଦିଆଯାଇଛି। କମ୍ପାନୀ ସରକାରଙ୍କୁ ମିଥ୍ୟା ରିପୋର୍ଟ ପ୍ରଦାନ କରିଛି । କମ୍ପାନୀ ଅଧୀନରେ କାମ କରୁଥିବା ଠିକାଦାର ମାନେ ମାତ୍ର ୨୮ ଜଣ ଯୁବକଙ୍କୁ ରୋଜଗାର ଦେଇଛନ୍ତି । ଯାହା କମ୍ପାନୀ ନିଯୁକ୍ତି ଦେଇଥିବା ନେଇ ବାହାବା ନେଉଛି। ହେଲେ ବାସ୍ତବରେ ତାହା ଗାଡି, ଜେସିବି, ପକଲେନ ମେଶିନ ଚଳାଇବା ଭଳି କାମରେ ହେଲପର, ଗଛ କାଟିବାରେ ଶ୍ରମିକ ଭାବେ ତ କେଉଁଠି ତାହା ଠାରୁ କମ୍ ଗ୍ରେଡରେ କାମ ଦେଇଛନ୍ତି । ସେମାନଙ୍କ ପାଖରେ ନିଯୁକ୍ତି ପତ୍ରନାହିଁ। ଏଭଳି ନିଯୁକ୍ତି ନାମରେ ଏନଏଲସି କମ୍ପାନୀ ଠକେଇ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ୨୦୧୯ ଡିସେମ୍ବର ୫ତାରିଖ ଜନଶୁଣାଣିରେ ପ୍ରଶାସନ ଉପସ୍ଥିତିରେ କମ୍ପାନୀ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ସେହିପରି ୨୦୨୦ ଜୁନ୍ ମାସରେ ବିସ୍ଥାପିତ, କମ୍ପାନୀ ଓ ପ୍ରଶାସନ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା କରି ଦାବି ପୂରଣ ପାଇଁ ସ୍ଥିର କରାଯାଇଥିଲା । ଏବେ କମ୍ପାନୀ କୋଇଲା ନେବା ଆରମ୍ଭ କରିଦେଲେ ଆଉ ବିସ୍ଥାପିତଙ୍କ ଦାବି ପୂରଣ ହେବ ନାହିଁ ବୋଲି ବିସ୍ଥାପିତମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

